**ସଂକ୍ଷେପରେ**

## ବ୍ୟବସାୟୀଙ୍କ ଟଙ୍କା ଲୁଟ୍ ମାମଲାରେ ୨ ନିର୍ଦ୍ଦୋଷ

ବ୍ରହ୍ମପୁର, ୨୭।୭(ସୁବାସ ଚନ୍ଦ୍ର ପାଢ଼ୀ)

ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ଜୁଏଲ ପଟ୍ଟନାୟକ ଶନିବାର ଏକ ଲୁଟ ମାମଲାର ଶୁଣାଣି କରିଛନ୍ତି। ଛତ୍ରପୁର ଅଞ୍ଚଳର ସୁନୀଲ ବେହେରା ଓ ମାଟିଖାଲର ଚକାନୟନ ପରିଡ଼ାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। କିନ୍ତୁ ଏହି ଦୁଇ ଅପରାଧୀ ଅନ୍ୟ କେତେକ ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି। ଦିଗପହଣ୍ଡି ଥାନା ବାସୁଦେବପୁରର ଏନ. ସୀମାଦ୍ରୀ ଜଣେ ବ୍ୟବସାୟୀ ଥିଲେ। ଗତ ୨୦୦୬ ଡିସେମ୍ବର ୨୭ ସନ୍ଧ୍ୟାରେ ସେ ସଦର ଥାନା ଦୟାପଲି ଗ୍ରାମରୁ ଭୁତପଲି ଯାଉଥିଲେ। ରାସ୍ତାରେ ୨ ଦୁର୍ବୃତ୍ତ ତାଙ୍କ ଗାଡି ଅଟକାଇ ମାଡ଼ ମାରି ବାଇକ, ମୋବାଇଲ ଓ ପକେଟରେ ଥିବା ୬୨୦୦ ଟଙ୍କା ଲୁଟି ନେଇଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୩/୦୬ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ ବେଳେ ଉପରୋକ୍ତ ଦୁଇ ଅଭିଯୁକ୍ତ ଏହି ଘଟଣାରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ସେମାନେ ଅନ୍ୟ ଏକ ମାମଲାରେ ଗିରଫ ହୋଇ ଜେଲରେ ଥିବାରୁ ପୋଲିସ ଉଭୟଙ୍କ ବିରୋଧରେ କୋର୍ଟରେ ରିମାଣ୍ଡ ରିପୋର୍ଟ ଦେଇଥିଲା। କୋର୍ଟ ସେମାନଙ୍କୁ ଏହି ମାମଲାରେ ଜଡିତ କରିଥିଲେ। ମାମଲାର ବିଚାର ବେଳେ ୮ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଅଭାବରୁ ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କୃଷ୍ଣ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଆଳୁ ଦରରେ ଲଗାମ ଲାଗିବ

ବ୍ରହ୍ମପୁର,୨୭।୭
(ସ୍ୱାଧୀନ ଶେଖର ପାଢ଼ୀ)

ରାଜ୍ୟରେ ଆଳୁ ଦର ବଢ଼ିଥିବାରୁ ହଇଚଇ ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗ ସରକାର ସୀମାନ୍ତରୁ ୨୦୦ ଟ୍ରକ ଆଳୁ ଫେରାଇ ନେଇଥିବାରୁ ଏଭଳି ହୋଇଥିବା କୁହାଯାଇଥିଲା। ଏକାଥରକେ କେଜି ପିଛା ୧୦ ଟଙ୍କା ବଢ଼ିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ତେବେ ଆଳୁର ନିଅଣ୍ଟିଆ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ, ଅସାଧୁ ବ୍ୟବସାୟୀମାନେ ୩୨ ଟଙ୍କାରୁ ଅଧିକ ବିକିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ବ୍ରହ୍ମପୁର ବଜାରରେ ଯୋଗାଣ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଶନିବାର ଦିନତାମାମ ଯାଞ୍ଚ ପରେ ବ୍ରହ୍ମପୁରରେ ସ୍ଥିତି ଠିକ ଅଛି ବୋଲି କୁହାଯାଉଛି। ବ୍ରହ୍ମପୁରର ବଜାରରେ ଶନିବାର ୩୫ରୁ ୩୭ ଟଙ୍କାରେ ଆଳୁ ବିକ୍ରି କରାଯାଇଛି। କିନ୍ତୁ ଖୁଚୁରାରେ ପ୍ରାୟ ୪୦ରୁ ୪୫ ଟଙ୍କାରେ ବିକ୍ରି କରାଯାଉଛି। କିନ୍ତୁ ସେଭଳି କଳାବଜାର ହୋଇନଥିବା ଯୋଗାଣ ବିଭାଗର ମାର୍କେଟିଂ ଇଣ୍ଟେଲିଜେନ୍ସ ଇନସପେକ୍ଟର ରଞ୍ଜନ କୁମାର ସେଠୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ଆଳୁ ଦରରେ ଲଗାମ ଲାଗିଛି। ମାର୍କେଟରେ ଠିକ ଦରରେ ଆଳୁ ଛଡାଯିବ। ଖୁଚୁରା ବଜାରରେ ଯିଏ ଅଧିକ ଦରରେ ବିକିବ ତାଙ୍କ ଜଣାପଡିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ଉତ୍ତର ପ୍ରଦେଶରୁ ୮ ଟ୍ରକ ଆଳୁ ଆସିଛି। ସେହିପରି ପଶ୍ଚିମବଙ୍ଗରୁ ୨ ଟ୍ରକ ଆଳୁ ଆସିଛି। ଉତ୍ତରପ୍ରଦେଶରୁ ଯେଉଁ ଆଳୁ ଆସିଛି ତାହା କୁଇଣ୍ଟାଲ ପିଛା ୩୫୦୦ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ପଶ୍ଚିମବଙ୍ଗରୁ ଯେଉଁ ଆଳୁ ଆସିଛି ତାହାକୁ ୩୬ ଶହ ଟଙ୍କାରେ ବିକ୍ରି କରାଯାଉଥିବା ସେ କହିଛନ୍ତି। ଆଳୁ ଏକ ଅତ୍ୟାବଶ୍ୟକ ଖାଦ୍ୟ ହୋଇପଡିଥିବାରୁ ଖାଉଟିଙ୍କୁ କୌଣସି ଅସୁବିଧା ନହେବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ପ୍ରତ୍ୟହ ବଜାର ଦର ଉପରେ ନଜର ଦିଆଯିବ। ଏ ସମ୍ପର୍କରେ ବଜାରରେ ଥିବା ରାମକୃଷ୍ଣ ଆଳୁ ଭଣ୍ଡାରର ମାଲିକ ରାମକୃଷ୍ଣ ସାହୁଙ୍କୁ ପଚାରିବାରୁ ସେ କହିଲେ ଯେ, ଆଳୁ ପଶ୍ଚିମବଙ୍ଗରୁ ନ ଆସିବାରୁ ଏଭଳି ଦର ହଠାତ ବଢ଼ି ଯାଇଥିଲା। ବର୍ତ୍ତମାନ ଉତ୍ତରପ୍ରଦେଶରୁ ଆଳୁ ଆସିବା ପରେ ସ୍ଥିତି ସମାନ ରହିଛି। ଆଗାମୀ ଦିନରେ ବି ଦର ସୁଧୁରିବ ବୋଲି ସେ କହିଛନ୍ତି।



ଆଳୁ ଦର ବଢି ୪୦ ରୁ ୪୫ ହୋଇଛି। ଯାହା ସାଧାରଣ ଖାଉଟିଙ୍କୁ ଅସ୍ତବ୍ୟସ୍ତ କରିଦେଲାଣି। ଆଗରୁ ପରିବା ଦରବୃଦ୍ଧି ହୋଇଥିଲା। ଏବେ ଆଳୁ ନାକେଦମ କରିଛି। ଏମିତି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦରଦାମ ବଢିଲେ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ। ତେଣୁ ସରକାରଙ୍କୁ ନିବେଦନ ଆଳୁ ସହିତ ପରିବା ଦର ହ୍ରାସ କରିବା ପାଇଁ ପଦକ୍ଷେପ ନିଅନ୍ତୁ।

**ଶିବ କୁମାର ଗୌଡ଼**, ଖାଉଟି



ଆଗରୁ ପରିବା ଦରଦାମ ଏତେ ଥିଲା ଯେ ହାଣ୍ଡିଶାଳ ଚଳାଇବାରେ ଅସୁବିଧା ହେଉଥିଲା। ଆଉ ଏବେ ଆଳୁ ଖୁଚୁରା ଦର ଦେଖି ବଜାର ଯିବାକୁ ଡର ଲାଗୁଛି। ସରକାରଙ୍କୁ ଅନୁରୋଧ ବିଶେଷ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହିସାବରେ ଆଳୁ ଦର ବୃଦ୍ଧିକୁ ନିୟନ୍ତ୍ରଣ କରନ୍ତୁ।

**ସନ୍ଧ୍ୟା ରାଣୀ ପଣ୍ଡା**,ଗୃହିଣୀ

## ଭିଭିଗିରି ସ୍କୁଲରେ ସାଂସ୍କୃତିକ ପ୍ରୋତିଯୋଗିତା



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର,୨୭।୭
(ସ୍ୱାଧୀନ ଶେଖର ପାଢ଼ୀ)

ଭି.ଭି.ଗିରି ସରକାରୀ ସେକେଣ୍ଡାରୀ ଟ୍ରେନିଂ ସ୍କୁଲରେ ଶନିବାର ସାଂସ୍କୃତିକ ଓ ପ୍ରବନ୍ଧ ପ୍ରୋତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ଶୃଙ୍ଖଳିତ ଚଳଣି ପ୍ରସଙ୍ଗରେ ଷଷ୍ଠ ସପ୍ତମ, ଅଷ୍ଟମ ଛାତ୍ରୀ ଏହି ପ୍ରତିଯୋଗିତାରେ ସାମିଲ ଥିଲେ। ଆଧୁନିକ ପୋଷାକ ପିନ୍ଧି ବିଚାରକ ମଣ୍ଡଳୀ ସମ୍ମୁଖରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀ ନିଜ ପ୍ରତିଭା ଦେଖାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାନୁଷ୍ଠାନର ପୂର୍ବତନ ଛାତ୍ରୀ ଓ ଶିକ୍ଷୟିତ୍ରୀ ବିଚାରକ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସାଂସ୍କୃତିକ ମୁଖ୍ୟ ଚାନ୍ଦିନୀ ମହାପାତ୍ର ପରିଚାଳନା କରିଥିଲେ। ଷଷ୍ଠରୁ ଦଶମ ଶ୍ରେଣୀର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ।

## ଡିଏମ୍ଆରଟି-ଡିଏମ୍ଏଲଟି ଛାତ୍ରସଂସଦ ବାର୍ଷିକ ଉତ୍ସବ

ବ୍ରହ୍ମପୁର,୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ ଡିଏମଆରଟି -ଡିଏମଏଲଟି ଛାତ୍ର ସଂସଦ ବାର୍ଷିକ ଉତ୍ସବ ନେକ୍ସସ-୨୦ ଶନିବାର ଏମକେସିଜିର ନବୀନ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଖଣି ଓ ଇସ୍ପାତ ତଥା ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ମେଡିକାଲ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ମୁଖ୍ୟବକ୍ତା ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏମକେସିଜିର ଡିନ ତଥା ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ଅତିରିକ୍ତ ଅଧ୍ୟକ୍ଷ ପ୍ରଫେସର ଦୁର୍ଗାମାଧବ ଶତପଥି, ପାଥୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ସୁଲତା ଚୌଧୁରୀ ମଞ୍ଚାସୀନ ଥିଲେ। ଆମ ସରକାର ଚିକିତ୍ସା କ୍ଷେତ୍ରକୁ ପ୍ରାଧାନ୍ୟ ଦେବ ବୋଲି ମନ୍ତ୍ରୀ କହିଥିଲେ। ସେହିପରି ଏମକେସିଜି ମେଡିକାଲରେ ରୋଗୀଙ୍କୁ ଏବେ ଉତ୍ତମ ଚିକିତ୍ସା ସୁବିଧା ମିଳିପାରିବ ବୋଲି ସେ କହିଥିଲେ। ଏହି ଅବସରରେ ଛାତ୍ର ସଂସଦ ପକ୍ଷରୁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ନିର୍ମାଣ, ସେଲ୍ଫ ଫାଇନାନସିଂ ବ୍ୟବସ୍ଥା ଉଚ୍ଛେଦ, ଆବଶ୍ୟକୀୟ ଅଧ୍ୟୟନ ସାମଗ୍ରୀ ଉପଲବ୍ଧ କରାଇବାକୁ ଦାବି କରାଯାଇଥିଲା। ସେହିପରି ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ର ସଂସଦ ସଭାପତି ପରମାନନ୍ଦ ଦଳାଇ, ସମ୍ପାଦକ ସିଦ୍ଧାନ୍ତ ସାହୁଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।





ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଦର ନିୟନ୍ତ୍ରଣରେ ପ୍ରଶାସନ ହସ୍ତକ୍ଷେପ ଦାବି

ବ୍ରହ୍ମପୁର,୨୭।୭ (ସ୍ୱାଧୀନ ଶେଖର ପାଢ଼ୀ)

ବର୍ତ୍ତମାନ ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ଖାଉଟି ସାମଗ୍ରୀ ଗୁଡିକର ଦରଦାମ ଅପ୍ରତ୍ୟାଶିତ ଭାବେ ବୃଦ୍ଧି ପାଇଛି। ଫଳରେ ସାଧାରଣ ଖଟିଖିଆ, ନିମ୍ନ ମଧ୍ୟବିତ୍ତ ବର୍ଗ, ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀ ତଥା ଅବସରପ୍ରାପ୍ତ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲାଭଖୋର ବ୍ୟବସାୟୀ ମୁନାଫା ଉଠାଉଛନ୍ତି। ଦର ନିୟନ୍ତ୍ରଣ ପାଇଁ ଜିଲା ସ୍ତରରେ ବଜାର ନିୟନ୍ତ୍ରଣ କମିଟି ଥାଇ ସୁଦ୍ଧା ଲୋକେ ଏହାର ସୁଫଳ ପାଇ ପାରୁନାହାନ୍ତି। ଏଣୁ ଗଞ୍ଜାମ ଜିଲା ପ୍ରଶାସନ ଖାଉଟି ସାମଗ୍ରୀର ଦର ନିୟନ୍ତ୍ରଣ କରିବାରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଓଡିଶା ସେବାନିବୃତ୍ତ କର୍ମଚାରୀ ଓ ବିକାଶ ମଞ୍ଚର ସଭାପତି କାମରାଜୁ ମହାରଣାଙ୍କ ସମେତ ସଂପାଦକ ପ୍ରଦୀପ କୁମାର ସାହୁ ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା,ଶିକ୍ଷକ ମହାସଂଘ ସଂପାଦକ ଅଶୋକ କୁମାର ଦଳାଇ, ପୀତବାସ ମହାପାତ୍ର, ଉପେନ୍ଦ୍ର ନାୟକ, ବିଭୂତି ଭୂଷଣ ଜେନା, ସୁବାଷ ଚନ୍ଦ୍ର ମିଶ୍ର ଓ ରାଜ୍ୟ ସଂପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ଶନିବାର ଦାବି କରିଛନ୍ତି।

## ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା





ସଭାରେ ଉପସ୍ଥିତ ମଞ୍ଚର ସଦସ୍ୟବୃନ୍ଦ ।

ବ୍ରହ୍ମପୁର,୨୭।୭
(ସ୍ମୃତି ରଂଜନ ମହାଲିକ)

ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା ଉତ୍କଳ ଆଶ୍ରମ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଂଚର ଉପସଭାପତି ପ୍ରାଣଚାନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ କୁମାର ଦାସ ଓ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଯୋଗ ଦେଇଥିଲେ। ରାଜ୍ୟରେ ନବନିର୍ବାଚିତ ସରକାରଙ୍କୁ ସ୍ୱାଗତ କରି ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ ସହାୟତା ପ୍ରଦାନ କରିବା ପାଇଁ ସଭାରେ ଦାବି କରାଯାଇଥିଲା। ବିଶେଷ କରି ଗ୍ରାମାଞ୍ଚଳରେ ବସବାସ କରୁଥିବା ଅସହାୟ ବୟୋଜ୍ୟେଷ୍ଠ ବୃଦ୍ଧାବୃଦ୍ଧଙ୍କୁ ରାସନ କାର୍ଡ, ବାସଗୃହ ଓ ପେନସନ ସହ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ମୁଖ୍ୟ ଅତିଥି ଇଂ ଦାସ ଗଞ୍ଜାମ ଜିଲାର ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ମାସରେ ଅନୁଷ୍ଠାନର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। ଅନୁଷ୍ଠାନର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ହାଡ଼ିବନ୍ଧୁ ମାଳିଙ୍କୁ ପ୍ରଫେସର ଡ ରବିନାରାୟଣ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଚନ୍ଦ୍ର ମହାରଣା ଅନୁଷ୍ଠାନର ସଦସ୍ୟତା ଗ୍ରହଣ କରିଥିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। କୋଷାଧ୍ୟକ୍ଷ ଲଡୁକେଶ ମିଶ୍ରଙ୍କ ସମେତ ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ମିଶ୍ର , ଡ ସୂଚନା ପାଢୀ,ହାଡ଼ିବନ୍ଧୁ ମାଳି, ବିଜୟ କୁମାର ସାହୁ, ଗୋପାଳ କୃଷ୍ଣ ପାଢୀ ,ଶିବ ପ୍ରସାଦ ମିଶ୍ର ଓ ଇ ଦିଲେଶ୍ବ ରେଡିଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ନାକ୍ ମାନ୍ୟତା ପାଇଁ ମହାମାୟୀ ମହିଳା କଲେଜ ପକ୍ଷରୁ ଏସ୍ଏସ୍ଆର ଦାଖଲ

ବ୍ରହ୍ମପୁର,୨୭।୭ (ସ୍ୱାଧୀନ ଶେଖର ପାଢ଼ୀ):

ମହାମାୟୀ ମହିଳା କଲେଜ ନାକ ମାନ୍ୟତା ପାଇଁ ସେଲଫ ଷ୍ଟଡି ରିପୋର୍ଟ (ଏସଏସଆର) ଦାଖଲ କରିଛି। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା କବିତା ଶତପଥୀଙ୍କ ନେତୃତ୍ୱରେ କଲେଜର ନାକ ଟିମର ସମସ୍ତ ସଦସ୍ୟା ସଦସ୍ୟ ଡ. ବାଣୀ କୁମାରୀ ପଟ୍ଟନାୟକ ସଂଯୋଜିକା ଓ ଆକାଂକ୍ଷା ଚାନ୍ଦ ଉପ ସଂଯୋଜିକା, ତପନ କୁମାର ମାଝୀ, ସୌମ୍ୟରଞ୍ଜନ ରାୟ ଏବଂ ସନ୍ଧ୍ୟାରାଣୀ ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କଲେଜ ଗଭର୍ଣ୍ଣିଂ ବଡି ସଭାପତି ପ୍ରଫେସର ଡ. ଅରୁନ୍ଧତୀ ରଥ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉପକୁଳ ସଚିବ ଡ. ବାବୁଜି ସାମଲ, ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ପ୍ରଶାସନିକ ଅଧିକାରିଣୀ ଡ. ଜୟନ୍ତୀ ରାଣୀ ପଣ୍ଡା, ବିତ୍ତ ଅଧିକାରୀ ଡ. ସୁବ୍ରତ କୁମାର ପଣ୍ଡା, ବରିଷ୍ଠ ପ୍ରାଧ୍ୟାପିକା ଶ୍ରୀଜା ମିଶ୍ର ଓ ଡ. ନିବେଦିତା ମହାପାତ୍ରଙ୍କ ସହଯୋଗରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି କଲେଜ ପକ୍ଷରୁ କୁହାଯାଇଛି।

## ନୟନ ସଭାପତି, ପ୍ରଶାନ୍ତ ସମ୍ପାଦକ

**ବ୍ରହ୍ମପୁର ହାବିଲଦାର ଓ କନଷ୍ଟେବଲ ସଂଘ ନିର୍ବାଚନ**

ବ୍ରହ୍ମପୁର, ୨୭।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ହାବିଲଦାର ଓ କନଷ୍ଟେବଲ ସଂଘର ବିଭିନ୍ନ ପଦ ପାଇଁ ଚଳିତବର୍ଷ ନିର୍ବାଚନ ହୋଇଛି। ବ୍ରହ୍ମପୁର ପୋଲିସ ଜିଲାରେ ୮୨୨ ଭୋଟର ରହିଥିବା ବେଳେ ଏଥିରୁ ୭୯୮ ଜଣ ଭୋଟ ଦେଇଛନ୍ତି। ଜିଲାର ସମସ୍ତ ଥାନା ରିଜର୍ଭ ଅଫିସରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସମସ୍ତ ଥାନାଧିକାରୀ ପ୍ରିଜାଇଡିଂ ଅଫିସର ଦାୟିତ୍ୱରେ ଥିଲେ ବୋଲି ନିର୍ବାଚନ ଅଧିକାରୀ ତଥା ଡ଼ିଏସପି ବିଶ୍ୱଜ ରାଉତରାୟ କହିଛନ୍ତି। ଶୁକ୍ରବାର ଗଣତି ପରେ ବିଜୟୀ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ସଭାପତି ଭାବେ ନୟନ ରଞ୍ଜନ ଆଚାର୍ଯ୍ୟ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ମହାର୍ତ୍ତା, ଉପସଭାପତି ଭାବେ ଶ୍ରୀକାନ୍ତ ପଣ୍ଡା , ସହ ସମ୍ପାଦକ- ୧ ଭାବେ ଘନଶ୍ୟାମ ବେହେରା , ସହ ସମ୍ପାଦକ -୨ ଭାବେ କୁନାଲ ମଲ୍ଲିକ, କୋଷଧ୍ୟକ୍ଷ ଭାବେ ଏ. ଶ୍ରୀନିବାସ ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁନନ୍ଦ କୁମାର ପଣ୍ଡା ,ଶରତ ଚନ୍ଦ୍ର ପ୍ରଧାନ, ମାମା ମହାନ୍ତି, ଉତ୍ସବ କୁମାର ପାଣିଗ୍ରାହୀ, ବସୁମତୀ ଭୂୟାଁ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଘୋଷଣା କରିଛନ୍ତି।



ନିର୍ବାଚନରେ ବିଜୟୀ ପ୍ରାର୍ଥୀ।

## ପୃଥକ ଚୋରି ଘଟଣାରେ ୨ ଗିରଫ

ବ୍ରହ୍ମପୁର,୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ):

ନିମଖଣ୍ଡି ଥାନା ଇଲାକାରେ ନିର୍ମାଣାଧୀନ ଘରୁ ପାଣି ପମ୍ପ ଚୋରି ଘଟଣାରେ ୨ ଗିରଫ ହୋଇଛନ୍ତି। ସେମାନେ ହେଲେ ଲୋଚାପଡାର ଦୁର୍ଯ୍ୟୋଧନ ଦାସ ଓ ଜି.ରଘୁନାଥପୁରର କେ.ଶ୍ରୀନିବାସ ପାତ୍ରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପାଣି ପମ୍ପ ଜବତ କରାଯାଇଛି। ଶନିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୧୦ ତାରିଖ ରାତି ପ୍ରତାପ ଚନ୍ଦ୍ର ପାଣିଗ୍ରାହୀଙ୍କ ଭାବିନୀପୁର ଶ୍ରୀହରି ନଗର ନିର୍ମାଣାଧୀନ ଘରର ତାଲା ଭାଙ୍ଗି ପାଣି ପମ୍ପ ଚୋରି ହୋଇଥିଲା। ସେହିପରି ଲୋଚାପଡା ନିକଟ ସାଇ ବିହାରରେ ଜଣେ ପୋଲିସ ଏଏସଆଇ ଜଗନ୍ନାଥ ପାଢ଼ୀଙ୍କ ନିର୍ମାଣାଧୀନ ଘରୁ ଗତ ୧୯ ତାରିଖ ପାଣି ପମ୍ପ ଚୋରି ହୋଇଥିଲା।

## ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଚାରା ରୋପଣ ପାଇଁ ପ୍ରସ୍ତୁତି କରାଯାଉଛି।

ବ୍ରହ୍ମପୁର,୨୭।୭ (ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ଉପକଣ୍ଠ ଯୋଗିଆପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଶିକ୍ଷା ସପ୍ତାହର ଷଷ୍ଠ ଦିବସରେ ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିଚଳନା କମିଟି ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ‘ପ୍ରକୃତି ବନ୍ଧୁ’ ବନମାଳୀ ପ୍ରଧାନ ଓ ଅତିଥି ଭାବେ ଗୁରୁଣ୍ଟି କ୍ଲଷ୍ଟର ସିଆରସିସି ଚିତ୍ରସେନ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରକୃତି ବନ୍ଧୁ ପ୍ରଧାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଥିଲା । ସେ ବୃକ୍ଷର ଉପଯୋଗିତା ଓ ନିଜ ଜନ୍ମଦିନରେ ଗଛ ଲଗାଇବା ପାଇଁ କହିଥିଲେ । ସେ କହିଥିଲେ ଯେ, ପରିବେଶ ସୁରକ୍ଷା ପାଇଁ ଗଛ ନିହାତି ଆବଶ୍ୟକ। ବର୍ତ୍ତମାନ ଗ୍ରୀଷ୍ମର ପ୍ରକୋପ ବଢ଼ି ଚାଲିଛି। ଜନଜୀବନ ଖରାଦିନେ ଅସ୍ତବ୍ୟସ୍ତ ହୋଇପଡୁଛି। ତେଣୁ ପରିବେଶରେ ଶୀତଳତା ଆଣିବା ପାଇଁ ଗଛ ହିଁ ଅନିବାର୍ଯ୍ୟ। ସେଥିପାଇଁ ଗଛ ଲଗାଇବା ପାଇଁ ବିଭିନ୍ନ ସ୍ଥାନରେ ସଚେତନତା ସୃଷ୍ଟି କରାଯାଉଛି। ତେବେ ଗଛ ଲାଗି ଲଗାଇଲେ ହେବ ନାହିଁ। ଏହାର ଯତ୍ନ ନେବା ନିହାତି ଆବଶ୍ୟକ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦେଶ ମାତୃକାର ସେବା ପାଇଁ ଭାରତୀୟ ସର୍ବଦା ସଜାଗ: ମନ୍ତ୍ରୀ



ସଭାରେ ମନ୍ତ୍ରୀ ଓ ବିଧାୟକମାନେ ଉପସ୍ଥିତ ଅଛନ୍ତି।

ବ୍ରହ୍ମପୁର,୨୭।୭(ସ୍ମୃତି ରଞ୍ଜନ ମହାଲିକ): କାରଗିଲ ବିଜୟ ଦିବସ ଅବସରରେ ଶନିବାର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଟାଉନ ହଲଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇଥିଲେ। କାରଗିଲ ଯୁଦ୍ଧରେ ସହିଦ ଶ୍ରୀନିବାସ ପାତ୍ର ଲକ୍ଷ ଲକ୍ଷ ଯୁବକଙ୍କ ଆଦର୍ଶ। ଦେଶ ସେବା ପାଇଁ ଭାରତୀୟ ସର୍ବଦା ସଜାଗ ବୋଲି ମନ୍ତ୍ରୀ କହିଥିଲେ। ଗେଟ ବଜାରଠାରୁ ଜଗଦଲପୁର ଯାଏଁ ରାସ୍ତାକୁ ଶ୍ରୀନିବାସ ମାର୍ଗ ନାମରେ ନାମିତ ପ୍ରସ୍ତାବକୁ ଗ୍ରହଣ କରିଥିଲେ। ମୁଖ୍ୟବକ୍ତା ରୂପେ ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ସମ୍ମାନିତ ଅତିଥି ରୂପେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଡ. ସିଦ୍ଧାନ୍ତ ମହାପାତ୍ର, ଜିଲା ସଭାପତି ସୁବାଷ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବ୍ରହ୍ମପୁର ଲୋକସଭା କ୍ଷେତ୍ର ସଂଯୋଜକ ସରୋଜ ସାବତ, ଅବସରପ୍ରାପ୍ତ ସେନା ଅଧିକାରୀ ମନୋରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ ସଭାପତିତ୍ୱ କରିଥିଲେ। ରାଜ୍ୟ ଯୁବମୋର୍ଚ୍ଚା ସଂପାଦକ ତୁତୁନ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁବମୋର୍ଚ୍ଚା ଉପସଭାପତି ବାପି ପ୍ରଧାନ, କେ ଚନ୍ଦ୍ରଶେଖର ଦାସ, ସାଧାରଣ ସଂପାଦକ କେ. ରବିରାଓ, ସଂପାଦକ ମାତା ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଭିଏତ୍‌ନାମ ଗସ୍ତରେ ଗଞ୍ଜାମର ୨ ଶିକ୍ଷକ ନେତା

ବ୍ରହ୍ମପୁର,୨୭।୭
(ସ୍ୱାଧୀନ ଶେଖର ପାଢ଼ୀ)

ଭାରତୀୟ ସାଂସ୍କୃତିକ ସହଯୋଗ ଓ ବନ୍ଧୁତ୍ୱ ସମାଜର ୧୩ ଜଣିଆ ଦଳ ୭ ଦିନିଆ ଭିଏତନାମ ଗସ୍ତ କରିଛନ୍ତି। ଦଳରେ ଗଂଜାମର ୨ ଶିକ୍ଷକ ନେତା ସାମିଲ ଅଛନ୍ତି। ଭିଏତନାମର ରାଜଧାନୀ ହାନୋଇରେ ଥିବା ଭାରତୀୟ ସାଂସ୍କୃତିକ କେନ୍ଦ୍ରର ନିର୍ଦ୍ଦେଶକ ଡଃ ମୋନିକା ଶର୍ମାଙ୍କ ସହ ସାକ୍ଷାତ କରି ଭିଏତନାମରେ ଭାରତର ଓଡ଼ିଶୀ, କଥକ, କୁଚୁପୁଡି ପ୍ରଭୃତି ଲୋକକଳାର ପ୍ରସାର ଓ ପ୍ରଚାର ଉପରେ ଆଲୋକପାତ କରିଥିଲେ । ଏହି ଦଳରେ ଓଡିଶାରୁ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ପ୍ରଫେସର ଡକ୍ଟର ଦୁଷ୍ମନ୍ତ କୁମାର ନାୟକ, ଓଷ୍ଟାର ପୂର୍ବତନ ଗଂଜାମ ଜିଲା ସଂପାଦକ କାମରାଜୁ ମହାରଣା, ଶିକ୍ଷକ ନେତା ଅଶୋକ କୁମାର ଦଳାଇ, ଭୁବନେଶ୍ୱରରୁ ଅଜୟ କୁମାର ରାଉତ, ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ମଞ୍ଜୁଲତା ପତି ଏବଂ କଟକରୁ ସାର୍ଥକ ନାୟକଙ୍କ ସମେତ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରୁ ୫ ଜଣ ଉକ୍ତ ଦଳରେ ସାମିଲ ଅଛନ୍ତି।

## ପୋଖରୀରେ ବୁଡ଼ି ଜଣେ ମୃତ

ବ୍ରହ୍ମପୁର, ୨୭।୭(ସୁବାସ ଚନ୍ଦ୍ର ପାଢ଼ୀ) ଶନିବାର କୁକୁଡାଖଣ୍ଡି ମୁକ୍ତେଶର ମନ୍ଦିର ନିକଟ ପୋଖରୀରେ ବୁଡି କୁକୁବଡ଼ ସାହିର ଡି.ସୁଦାମ (୨୫)ଙ୍କ ମୃତ୍ୟୁ ହୋଇଛି। ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରିଛି। ସଦର ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେ ଉକ୍ତ ପୋଖରୀକୁ ଗାଧୋଇ ଯାଇଥିବାବେଳେ ବୁଡି ଯାଇଥିଲେ। ସେଠାରେ ଗାଧୋଉଥିବା କିଛି ଯୁବକ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚିଥିଲା। ବହୁ ସମୟ ଧରି ଖୋଜାଖୋଜି ପରେ ପୋଖରୀ ଭିତରୁ ମୃତଦେହ ବାହାର କରିଥିଲା।

## ରୋଗଠାରୁ ଦୂରେଇବା ପାଇଁ ସଚେତନତା ଦରକାର

**ଆଜି ବିଶ୍ୱ ହେପାଟାଇଟିସ ଦିବସ**

ବ୍ରହ୍ମପୁର,୨୭।୭(ସୁବାସ ଚନ୍ଦ୍ର ପାଢ଼ୀ)

୨୦୧୧ରୁ ପ୍ରତିବର୍ଷ ଜୁଲାଇ ୨୮ ତାରିଖକୁ ବିଶ୍ୱ ହେପାଟାଇଟିସ ଦିବସଭାବେ ପାଳନ କରାଯାଉଛି। ହେପାଟାଇଟିସ ‘ବି’ ରୋଗ ଏଡ୍ସଠାରୁ ବି ଭୟଙ୍କର ହୋଇଥିବାରୁ ସଚେତନତା ଉଦ୍ଦେଶ୍ୟରେ ଏହା କରାଯାଉଛି। ତେଣୁ ଚଳିତ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି, ‘ଏବେ ସଚେତନ ହେବାର ସମୟ’। ଯଦି ପରିସଂଖ୍ୟାନକୁ ଦେଖାଯାଏ ତାହେଲେ ଓଡିଶାରେ ୩ରୁ ୪ ପ୍ରତିଶତ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହି ରୋଗ ପରମୁହୂର୍ତ୍ତରେ ଲିଭର ସୋରାସିସ ଓ ଲିଭର କ୍ୟାନସର୍ ଭଳି ରୋଗ ସୃଷ୍ଟି କରିଥାଏ। ଏହାର ନିରାକରଣ ତଥା ଉନ୍ନତମାନର ଚିକିତ୍ସା ପାଇଁ ରାଜ୍ୟରେ କଟକ ବଡ ଡାକ୍ତରଖାନାରେ ଜାତୀୟ ସ୍ୱାସ୍ଥ୍ୟ ମିସନ ଯୋଜନାରେ ଜାତୀୟ ହେପାଟାଇଟିସ କଂଟ୍ରୋଲ ପ୍ରୋଗ୍ରାମ କାର୍ଯ୍ୟକାରୀ କରାଯାଉଛି। ଏସସିବିରୁ ରାଜ୍ୟର ୩୦ ଜିଲାର ଚିକିତ୍ସକଙ୍କୁ ତାଲିମ ଦିଆଯିବା ସହ ଏହି ରୋଗ ସଂପର୍କରେ ସଚେତନ କରାଯାଉଛି। ଏଠାରେ ରୋଗୀଙ୍କୁ ମାଗଣା ଔଷଧ ଦିଆଯାଉଛି। ଏହି ରୋଗର ଚିକିତ୍ସା ପାଇଁ ରାଜ୍ୟରେ ଏସସିବିକୁ ନୋଡାଲ ସେଣ୍ଟର ଭାବେ ଚୟନ କରାଯାଇଛି। ଆକ୍ରାନ୍ତମାନଙ୍କ ଠାରେ ଶରୀର ପୀଡ଼ା, ପେଟ ଯନ୍ତ୍ରଣା, ଜ୍ୱର ଏବଂ ଯକୃତ ଅକାମୀ ହୋଇଯିବା ଓ ମସ୍ତିଷ୍କରେ କ୍ଷତି ଆଦି ଲକ୍ଷଣ ଦେଖାଦେଲେ ଏହି ରୋଗ ଆଶଙ୍କା କରାଯାଇଥାଏ। ତେଣୁ ଏହି ଘାତକ ରୋଗର ଆଗୁଆ ଚିହ୍ନଟ ଓ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି। ହେପାଟାଇଟିସ ଉଭୟ ଜୀବନ ଓ ଯକୃତକୁ ଧ୍ୱଂସ କରିଦେବାର କ୍ଷମତା ରଖିଛି। ଏହା ଭୂତାଣୁ ଜନିତ। ଯକୃତ ଫୁଲା(ଭାଇରାଲ ହେପାଟାଇଟିସ) ସାଧାରଣତଃ ହେପାଟାଇଟିସ ଏ, ବି, ସି ବା ଇ ଜନିତ ସଂକ୍ରମଣ ଏହାର କାରଣର ହୋଇଥାଏ। ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୧ରୁ ୨ ନିୟୁତ ଲୋକଙ୍କ ଏହି ରୋଗରେ ମୃତ୍ୟୁ ହୋଇଥାଏ। ଏହା ସତ୍ତ୍ୱେ ସଚେତନତା ଅଭାବରୁ ହେପାଟାଇଟିସର ଭୟାବହତା ବିଷୟରେ ଅଧିକାଂଶଙ୍କ ଧାରଣା ନ ଥାଏ। ଏଥିପାଇଁ ହେପାଟାଇଟିସର ନିରାକରଣ, ରୋଗ ଚିହ୍ନଟ ଏବଂ ଚିକିତ୍ସା ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେବା ଜରୁରୀ। ଆମେ ହେପାଟାଇଟିସ ବିଷୟରେ ନିଜେ ସଚେତନ ହେବା ସହିତ ଜନସାଧାରଣଙ୍କୁ ସଚେତନ କଲେ ମୃତ୍ୟୁମୁଖରୁ ରକ୍ଷା ମିଳିବ ବୋଲି ଏମକେସିଜି ବଡ ମେଡିକାଲର କେତେକ ଡାକ୍ତର ପ୍ରକାଶ କରିଛନ୍ତି।

